ଓଡ଼ିଶା ଏକ୍ସପ୍ରେସ
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

୨୫ ଫେବୃଆରୀ ୨୦୧୧
ଶୁକ୍ରବାର

# ଜରୁରୀ ପରିସ୍ଥିତିରେ ଶିଶୁଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ

**ଭୁବନେଶ୍ୱର,୨୪।୨**

**ଏକ୍ସପ୍ରେସ୍ ନ୍ୟୁଜ**

ପ୍ରାକୃତିକ ବିପର୍ଯ୍ୟୟ ତଥା ଆପାଦକାଳୀନ ପରିସ୍ଥିତିରେ ଶିଶୁମାନେ ଅସୁରକ୍ଷିତ ହୋଇପଡୁଛନ୍ତି । ସେମାନଙ୍କୁ ସୁରକ୍ଷା ଦେବାପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି । ସ୍ୱେଚ୍ଛାସେବୀ ସଂଗଠନ ପ୍ରିକକ୍, ସେଭ୍ ଦି ଚିଲ୍ଡ୍ରେନ୍, ସିଏସଓ ପାଟନର, ଆଇସିଆଇସିଆଇ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଜରୁରୀ ପରିସ୍ଥିତିରେ ଶିଶୁଙ୍କ ସୁରକ୍ଷା ସମ୍ପର୍କିତ କର୍ମଶାଳାରେ ବକ୍ତାମାନେ କହିଛନ୍ତି ଯେ ଏଭଳି ପରିସ୍ଥିତିରେ ଶିଶୁମାନେ ଅବହେଳିତ ହୋଇ ପଡ଼ନ୍ତି । ପିକକ୍ର ଅଧ୍ୟକ୍ଷା ଆଦରମଣି ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସଂସ୍ଥାର ସମ୍ପାଦକ ରଞ୍ଜନ ମହାନ୍ତି କହିଥିଲେ ଯେ ଏଥିପାଇଁ ପିଲାମାନଙ୍କ ଅଭିଭାବକ ଓ ଜନସାଧାରଣଙ୍କ ମନୋଭାବର ପରିବର୍ତ୍ତନ ଆବଶ୍ୟକ । ସେଭ୍ ଦି ଚିଲ୍ଡ୍ରେନ୍ର ଶଶାଙ୍କ ପାଢ଼ୀ କହିଥିଲେ ଯେ ଶିଶୁଙ୍କ ସୁରକ୍ଷା ଲାଗି ସମଗ୍ର ଦେଶର ୩ଟି ରାଜ୍ୟରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଆମ ରାଜ୍ୟର ୨ଟି ଜିଲ୍ଲାରେ ଚାଲିଛି । ୟୁନିସେଫ୍ର ଲକ୍ଷ୍ମୀନାରାୟଣ ନନ୍ଦ, ବିଭିସିର ରାଜ୍ୟ ପ୍ରତିନିଧି ସନ୍ଦିପ ସାହୁ ପ୍ରମୁଖ ଆପାଦକାଳୀନ ସ୍ଥିତିରେ ଶିଶୁଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ । ପିକକ୍ର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଓ ସେଭ୍ ଦି ଚିଲ୍ଡ୍ରେନ୍ର ଶାନ୍ତାରାମ ନନ୍ଦଙ୍କ ସମେତ ବହୁ ସ୍ୱେଚ୍ଛାସେବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇ ଶିଶୁଙ୍କ ସୁରକ୍ଷା ଉପରେ ଆଲୋଚନା କରିଥିଲେ ।